ଧରିତ୍ରୀ
DHARITRI
ଢେଙ୍କାନାଳ, ଗୁରୁବାର, ୧୭ ଜାନୁୟାରୀ ,୨୦୧୯

## ସଂକ୍ଷେପରେ

### ସାରଙ୍ଗଧର ସେତୁ ଟୋଲଗେଟ୍ ଉଠିବ

**ଢେଙ୍କାନାଳ ଅଫିସ, ୧୬।୧:** ଢେଙ୍କାନାଳ-କାମାକ୍ଷାନଗର ରାସ୍ତା ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ସାରଙ୍ଗଧର ସେତୁରେ ଥିବା ଟୋଲ୍‌ଗେଟ ଉଠିବ। ଏ ନେଇ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବଙ୍କ ପକ୍ଷରୁ ପତ୍ର ନଂ. ୭୮୫/ ୧୬.୧.୨୦୧୯ରେ ନୋଟିସ୍ ଜାରି କରାଯାଇଛି। ଏ ନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ୧୯୯୪ରୁ ଉକ୍ତ ଟୋଲଗେଟ ସ୍ଥାପନ କରାଯାଇ ଶୁଳ୍କ ଆଦାୟ କରାଯାଉଥିଲା। ଏପରି କି ଏହାର ଅବଧି ପୂର୍ଣ୍ଣ ହେବା ସତ୍ତ୍ୱେ ଯାନବାହନଗୁଡ଼ିକରୁ ଟିକସ ଆଦାୟ ହେଉଥିଲା। ଏହାକୁ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ପ୍ରତିବାଦର ସ୍ୱର ଉଠୁଥିଲା। ଦୀର୍ଘ ୨୫ ବର୍ଷ ପରେ ଟୋଲଗେଟ୍ ଉଠିବା ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

### ଅଗ୍ନିଶମ କେନ୍ଦ୍ର ଟେଲିଫୋନ ଅଚଳ

**ପରଜଙ୍ଗ, ୧୬।୧(ଡି.ଏନ୍.ଏ.):** ପରଜଙ୍ଗ ଅଗ୍ନିଶମ କେନ୍ଦ୍ରର ଟେଲିଫୋନ ସେବା ସପ୍ତାହେ ହେଲା ଅଚଳ ହୋଇପଡ଼ିଛି। ଜରୁରିକାଳୀନ ସମୟରେ ଜନସାଧାରଣ ବ୍ୟାପକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଗ୍ନିକାଣ୍ଡ, ଦୁର୍ଘଟଣା ଭଳି ଘଟଣା ଘଟିଲେ କାର୍ଯ୍ୟାଳୟକୁ ଯାଇ ଅଗ୍ନିଶମ କର୍ମଚାରୀଙ୍କୁ ଅବଗତ କରାଇବାକୁ ପଡୁଛି। ପରଜଙ୍ଗକୁ ଯୋଗାଣ ହୋଇଥିବା ୧୦୮ ଆମ୍ବୁଲାନ୍ସ ଦୀର୍ଘଦିନ ହେଲା ମରାମତି ହେବାକୁ ଯାଇଥିବାବେଳେ ଆପାତ୍‌କାଳୀନ ସମୟରେ ଅଗ୍ନିଶମ କର୍ମଚାରୀଙ୍କୁ ଲୋକେ ଭରସା କରୁଛନ୍ତି। ହେଲେ ଠିକ୍ ସମୟରେ ସେବା ମିଳୁ ନ ଥିବାରୁ କ୍ଷୟକ୍ଷତି ପରିମାଣ ବଢୁଥିବା ଅଭିଯୋଗ ହେଉଛି। ଏହି ବିଷୟରେ କାମାକ୍ଷାନଗର ଏକ୍ସଚେଞ୍ଜର ଏସ୍‌ଡିଓ ଦେବବ୍ରତ ପରିଡ଼ା କୁହନ୍ତି, କମ୍ପ୍ୟୁଟର ତ୍ରୁଟି ଯୋଗୁ ଟେଲିଫୋନ୍ ଲାଗୁନାହିଁ। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

### ପୁନଃ ମୂଲ୍ୟାୟନ ପରେ ବଢ଼ିଲା ମାର୍କ



**ଢେଙ୍କାନାଳ ଅଫିସ, ୧୬।୧:** ଢେଙ୍କାନାଳ ଇ-ଟେକ୍ ଉଚ୍ଚ ମାଧମିକ ବିଦ୍ୟାଳୟ ଯୁକ୍ତ ୨ ବିଜ୍ଞାନ ବିଭାଗ ଛାତ୍ରୀ ରୋଜାଲିନ ବେହେରାଙ୍କ ପୁନଃମୂଲ୍ୟାୟନ ପରେ ମାର୍କ ବଢ଼ିଛି। ୨୦୧୮ ରେ ଅନୁଷ୍ଠିତ ପରୀକ୍ଷାରେ ରୋଜାଲିନ ସର୍ବୋଚ୍ଚ ୫୩୨ ମାର୍କ ରଖିଥିଲେ। ହେଲେ ପାଇଥିବା ନମ୍ବରରେ ସେ ସନ୍ତୁଷ୍ଟ ନ ଥିଲେ। ଅଧିକ ନମ୍ବର ଆଶା ରଖି ସେ ଉଚ୍ଚ ମାଧମିକ ଶିକ୍ଷା ପରିଷଦରେ ପୁନଃମୂଲ୍ୟାୟନ ଲାଗି ଆବେଦନ କରିଥିଲେ। ଏହା ପରେ ରୋଜାଲିନଙ୍କ ମାର୍କ ୫୩୨ରୁ ବୃଦ୍ଧି ପାଇ ୫୪୦ ହୋଇଛି। ଏଥିଲାଗି ଅଧକ୍ଷ ଡ. ସୁରେଶ ମିଶ୍ର ରୋଜାଲିନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ମାର୍ଥାପୁର ସେମିରେ

**ଭୁବନ, ୧୬।୧(ଡି.ଏନ୍.ଏ.):** ଭୁବନ ବ୍ଲକ ସୁରପ୍ରତାପପୁରରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଖେଳାଯାଇଥିବା ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କାମାକ୍ଷାନଗରକୁ ହରାଇ ମାର୍ଥାପୁର ସେମିଫାଇନାଲରେ ପ୍ରବେଶ କରିଛି। ଟସ୍‌ଜିଣି ମାର୍ଥାପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୯୦ ରନ୍ କରିଥିଲା। ଜବାବରେ କାମାକ୍ଷାନଗର ୧୯.୨ ଓଭରରେ ୧୭୯ ରନ୍ କରି ପରାଜିତ ହୋଇଥିଲା। ଲକି ଦାସ ୬୨ ରନ୍ କରିଥିଲେ ମଧ ତାହା ଦଳକୁ ଜିତାଇବା ଲାଗି ଯଥେଷ୍ଟ ହୋଇ ନ ଥିଲା। ବିଜୟୀ ଦଳର ଉଜ୍ଜଳ ବାରିକ ସର୍ବାଧିକ ୬୨ ରନ୍ କରିବା ସହିତ ୨ ଉଇକେଟ ନେଇଥିଲେ। ତାଙ୍କୁ ‘ମ୍ୟାନ୍ ଅଫ୍ ଦି ମ୍ୟାଚ୍’ ଘୋଷଣା କରାଯାଇଥିଲା। ମକରଧ୍ୱଜ ସାମଲ, ସୁଶାନ୍ତ ନାୟକ ମ୍ୟାଚ୍ ପରିଚାଳନା କରିଥିବାବେଳେ ଅଶେଷ ଓଝା ଧାରାବିବରଣୀ ଦେଇଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ମାର୍ଥାପୁର ଏବଂ ବାଲିବୋ ମଧରେ ଖେଳାଯିବ।

■ଆଇଆଇଏମ୍‌ସିରେ ଆଲୋଚନାଚକ୍ର

# ‘ପ୍ରତ୍ୟେକ ଚଳଚ୍ଚିତ୍ର ରାଜନୈତିକ’

**ଢେଙ୍କାନାଳ ଅଫିସ,୧୬।୧**

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ପକ୍ଷରୁ ଆୟୋଜିତ ‘ଫିଲ୍ମ ଚକ୍କର-୨’ର ବୁଧବାର ଥିଲା ଅନ୍ତିମ ଦିବସ। ଏହି ଅବସରରେ ‘ଭାରତୀୟ ଚଳଚ୍ଚିତ୍ରରେ ରାଜନୈତିକ ପ୍ରତିଛବି’ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଖ୍ୟାତନାମା ଚଳଚ୍ଚିତ୍ର ସମୀକ୍ଷକ ଡ. ସୋମା ଚାଟାର୍ଜୀ ଯୋଗଦେଇ କହିଲେ, ଚଳଚ୍ଚିତ୍ର ହେଉଛି ଶକ୍ତିଶାଳୀ ଦୃଶ୍ୟଶ୍ରାବ୍ୟ ମାଧମ। ଏହା କମ୍ ସମୟ ମଧରେ ଅଧିକରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିପାରେ। ପ୍ରତ୍ୟେକ ଚଳଚ୍ଚିତ୍ର ରାଜନୈତିକ। ଏହାର ଅର୍ଥ ନୁହେଁ, କୌଣସି ଦଳ ; ପରିବାର, ସମ୍ପର୍କ, ବାଦବିବାଦ ମଧ ରାଜନୈତିକ ବିଭବ। ତେଣୁ ନିର୍ମାତାମାନେ କୌଣସି ନା କୌଣସି ରାଜନୈତିକ ଉଦ୍ଦେଶ୍ୟରେ ଚଳଚ୍ଚିତ୍ର ନିର୍ମାଣ କରିଥାନ୍ତି। ଚଳଚ୍ଚିତ୍ରରେ ରାଜନୀତି ମଧ ନୂଆ ନୁହେଁ, ନାଜି ଶାସନ ସମୟରୁ ଚଳଚ୍ଚିତ୍ରରେ ରାଜନୈତିକ ଛାପ ଦେଖିବାକୁ ମିଳୁଛି ବୋଲି ସେ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ‘ପରଦାରେ ବିବାଦକୁ ଦେଖାଇବା ଦିଗରେ ସୃଜନାତ୍ମକ ଆହ୍ୱାନ’ ସମ୍ପର୍କିତ ଆଲୋଚନାରେ ମତରଖି ସେ କହିଲେ, ବର୍ତ୍ତମାନ ସାହିତ୍ୟରେ ଅନେକ ରାଜନୈତିକ ବିଷୟବସ୍ତୁ ରହୁଛି। ଦେବଦାସ, ଲଗାନ, ଚକ୍‌ଦେ ଇଣ୍ଡିଆ ଭଳି ହିନ୍ଦୀ ଚଳଚ୍ଚିତ୍ର ବିବାଦୀୟ ବିଷୟ ଉପରେ ଆଧାରିତ। ସେହିପରି ଚଳଚ୍ଚିତ୍ର ‘ପାଚଡ’ରେ ଗ୍ରାମାଞ୍ଚଳ ମହିଳାଙ୍କ ବ୍ୟକ୍ତିଗତ, ସାମାଜିକ ଓ ଅର୍ଥନୈତିକ ବିବାଦର ଚିତ୍ରଣ କରାଯାଇଥିବା ସେ ଆଲୋଚନା କରିଥିଲେ।



ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

■ସିନେମାରେ ସ୍ଥାନ ପାଉଛି ରାଜନୀତି
■ଫିଲ୍ମରେ ଉପସ୍ଥାପନା ଶୈଳୀ ବଦଳିଛି
■ଯୁବକଙ୍କୁ ଦାୟିତ୍ୱବାନ୍ ରାଜନେତା ଭାବେ ଚିତ୍ରଣ କରାଯାଉଛି

କଟକ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନର ଆଞ୍ଚଳିକ ନିର୍ଦ୍ଦେଶକ ଗୋପାଳ ମହାପାତ୍ର ଅନ୍ୟତମ ବକ୍ତା ଦେଇ କହିଲେ, ଅଧିକାଂଶ ଲୋକେ ରାଜନୀତି ଉପରେ ଆଲୋଚନା କରୁଥିବାରୁ ନିର୍ମାତାମାନେ ଏହାକୁ ଦୃଷ୍ଟିରେ ରଖି ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି। ଏହା ଏକ ଧାରାରେ ପରିଣତ ହେଲାଣି। ତୃତୀୟ ଅଧିବେଶନରେ ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ ‘ତୃଣମୂଳ ଗଣତନ୍ତ୍ର ଓ ଆଞ୍ଚଳିକ ଚଳଚ୍ଚିତ୍ର’ ଉପରେ ମତ ରଖି କହିଲେ, ପୂର୍ବରୁ ଭାରତୀୟ ଚଳଚ୍ଚିତ୍ର ମୁଖ୍ୟତଃ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ହେଉଥିଲା। ସମୟକ୍ରମେ ଏଥିରେ ଐତିହାସିକ ଘଟଣା, ପ୍ରେମ, ରୋମାନ୍ସ ଓ ସାମାଜିକ କଥାବସ୍ତୁ ସ୍ଥାନ ପାଇଲା। ୧୯୫୦ ବେଳକୁ ଚଳଚ୍ଚିତ୍ରରେ ସାମାଜିକ ବାସ୍ତବତା ଓ ଲୋକଙ୍କୁ ଶକ୍ତି ଦେଖାଇବା ପାଇଁ ଅନେକ ନିର୍ଦ୍ଦେଶକ ଚେଷ୍ଟା କରିଥିଲେ। ବର୍ତ୍ତମାନ ମଧ ଏହିପରି କଥାବସ୍ତୁ ଦେଖିବାକୁ ମିଳୁଛି, ହେଲେ ଉପସ୍ଥାପନର ଶୈଳୀ ବଦଳିଛି। ତୃଣମୂଳ ଗଣତନ୍ତ୍ର ଉପରେ ଆଧାରିତ ଅନେକ ଚଳଚ୍ଚିତ୍ରକୁ ବଡ଼ ପରଦାରେ ଗୁରୁତ୍ୱ ଦିଆଯାଉନାହିଁ। ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ସମୀକ୍ଷକ ଡ. ପୀୟୂଷ ରାୟ, ଭାରତୀୟ ରାଜନେତାଙ୍କର ପରିବର୍ତ୍ତିତ ଅବାସ୍ତବ ଛବି ଉପରେ ବିଭିନ୍ନ ଚଳଚ୍ଚିତ୍ରର ଉଦାହରଣ ଦେଇ କହିଲେ, ପୂର୍ବଭଳି ଚଳଚ୍ଚିତ୍ରରେ ରାଜନୈତିକ ଚିତ୍ର କମ ଦେଖିବାକୁ ମିଳୁଛି। ଏବେ ଯୁବକମାନଙ୍କୁ ଦାୟିତ୍ୱବାନ ରାଜନେତା ଭାବେ ଚିତ୍ରଣ କରାଯାଉଥିବା ସେ ମତବ୍ୟକ୍ତ କରିଥିଲେ।

ଆଇଆଇଏମ୍‌ସିର ଏକାଡେମିକ ଆସିଷ୍ଟାଣ୍ଟ ହୃଷୀକେଶ ମିଶ୍ର ‘ହିନ୍ଦୀ ଫିଚର ଫିଲ୍ମରେ ଛାତ୍ର ରାଜନୀତି’, ଗବେଷକ ତରଣୀସେନ ପଟ୍ଟନାୟକ ‘ଓଡ଼ିଆ ଚଳଚ୍ଚିତ୍ରରେ ରାଜନୈତିକ ପ୍ରତିଛବି’, ଜାଭିୟର ବିଶ୍ୱବିଦ୍ୟାଳୟର ଗବେଷକ ଭାବନା ଆଚାର୍ଯ୍ୟ ‘ରାଜନୈତିକ ପରିବର୍ତ୍ତନ ଆଣିବା ପଥରେ ଯୁବଶକ୍ତି’ ଶୀର୍ଷକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଏକାଡେମିକ୍ କୋଅର୍ଡିନେଟର ଜିତେନ୍ଦ୍ର ପତି ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ଣ୍ଣର



@ ଅରବିନ୍ଦ



@ ପାର୍ଥ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

■ନିଷ୍ଠାପର ଉଦ୍ୟମ ଆଣିଲା ଗୌରବ

## ବିଶ୍ଵ ମହାରଣାଙ୍କ ଇ-ବାଇକ୍ ୱାର୍କଶପ୍ ଉଦ୍‌ଘାଟିତ

**ଭୁବନ,୧୬।୧(ଡି.ଏନ୍.ଏ.)**

କୁହାଯାଏ ନିଷ୍ଠାପର ଉଦ୍ୟମ କେବେ ବି ବିଫଳ ହୁଏନାହିଁ। ଉନ୍ନତମାନର ଇ-ବାଇକ୍ ଉଦ୍ଭାବନ କରି ଚର୍ଚ୍ଚାର ପରିସରକୁ ଆସିଥିବା ଭୁବନର ବରିଷ୍ଠ ମେକାନିକ୍ ବିଶ୍ଵ ମହାରଣାଙ୍କ କ୍ଷେତ୍ରରେ ଏହା ସତ୍ୟ ପ୍ରମାଣିତ ହୋଇଛି। ବୁଧବାର ବିଶ୍ଵଙ୍କ ପ୍ରଚେଷ୍ଟାରେ ଭୁବନ ରାମମନ୍ଦିର ନିକଟରେ ଉଦ୍‌ଘାଟିତ ହୋଇଛି ଇ-ବାଇକ୍ ୱାର୍କଶପ୍।

ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଇଣ୍ଡିଆନ ଅଏଲର ଜେନେରାଲ ମ୍ୟାନେଜର ଡ. ଏନ୍.ଏସ୍ ରମଣ, ମୁଖ୍ୟବକ୍ତା ଭାବେ ମାନବ ସମ୍ବଳ ଅଧିକାରୀ ଦେବୀ ପ୍ରସାଦ ଶତପଥୀ ଏବଂ ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଅଧକ୍ଷ ଶତ୍ରୁଘ୍ନ ଜେନା, ପ୍ରେମାନନ୍ଦ ଜେନା ପ୍ରମୁଖ ଯୋଗଦେଇ ବିଶ୍ଵଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ।

ସମ୍ପ୍ରତି ତୈଳଦର ଅଭିବୃଦ୍ଧି ଗାଡ଼ି ଚାଳକଙ୍କ ଚିନ୍ତାର କାରଣ ପାଲଟିଛି। ପ୍ରଦୂଷଣ ମଧ ବଢ଼ିବାରେ ଲାଗିଛି। ଏହାର ପ୍ରମୁଖ ବିକଳ୍ପ ହେଉଛି ଇ-ବାଇକ୍। ଏଥିଲାଗି କେନ୍ଦ୍ର ସରକାର ପ୍ରୋତ୍ସାହନ ମଧ ଦେଉଛନ୍ତି। ବିଶ୍ଵ ମହାରଣାଙ୍କ ଭଳି କାରିଗର ଆଗେଇ ଆସିଲେ ଗ୍ରାମାଞ୍ଚଳରେ ଇ-ବାଇକ୍‌ରୁ ଉପାଦେୟତା ସହଜରେ ପ୍ରଚାର ହୋଇପାରିବ। ସାଧାରଣ ନାଗରିକ ଏହାର ସୁଫଳ ବୁଝିଲେ ଇ-ବାଇକ୍ ପାଇଁ ବଜାର ଉନ୍ମୁକ୍ତ ହେବ ବୋଲି ଅତିଥିମାନେ କହିଥିଲେ।

ବିଶ୍ଵଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ପ୍ରକଳ୍ପର ଅଗ୍ରଗତି ଜଣାପଡ଼ିବା ପରେ ଅଧିକରୁ ଅଧିକ ସହାୟତା ଦିଆଯିବ। ଏଥିସହ ଉତ୍ପାଦିତ ଯାନର ବିକ୍ରି ଲାଗି ବଜାର ସୁବିଧା ମଧ କରାଯିବ ବୋଲି ଇଣ୍ଡିଆନ ଅଏଲର ଜେନେରାଲ ମ୍ୟାନେଜର ସୂଚନା ଦେଇଛନ୍ତି।



ୱାର୍କଶପ ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ।

## ଯୁବକଙ୍କୁ ହତ୍ୟା ପରେ ପୋଡ଼ି ଦେଇଥିବା ଚର୍ଚ୍ଚା

**ଓଡ଼ାପଡ଼ା, ୧୬।୧(ଡି.ଏନ.ଏ.)**

ଚୋରି ସାମଗ୍ରୀ ଟଙ୍କା ଭାଗବଣ୍ଟାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା ପରେ ପୋଡ଼ି ଦିଆଯାଇଥିବା ବୁଧବାର ମୋଟଙ୍ଗା ଥାନା ଅଞ୍ଚଳରେ ଚର୍ଚ୍ଚା ହେଉଛି। ରିପୋର୍ଟ ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଥାନା ଅଞ୍ଚଳର ଏକ ବସ୍ତିରେ ଲାନ୍‌କୋ କମ୍ପାନୀରୁ ଚୋରି କରି ଅଣାଯାଇଥିବା ଲୁହା ସାମଗ୍ରୀ ବାବଦ ପଇସା ଭାଗବଣ୍ଟାକୁ କେନ୍ଦ୍ର କରି ଦୁଇଗୋଷ୍ଠୀ ମଧରେ ସଂଘର୍ଷ ହୋଇଥିଲା। ମରଣାନ୍ତକ ଆକ୍ରମଣରେ ଘଟଣାସ୍ଥଳରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ହତ୍ୟାକାଣ୍ଡକୁ ରଫାଦଫା କରିବାକୁ ବସ୍ତିବାସିନ୍ଦା ଏକାଠି ହୋଇ ମୃତଦେହକୁ ପୋଡ଼ି ଦେଇଥିବା ଅଞ୍ଚଳରେ ଆଲୋଚନା ହେଉଛି। ଏ ନେଇ ଥାନାଧିକାରୀ ପ୍ରଭାତ କୁମାର ତ୍ରିପାଠୀ କୁହନ୍ତି, ଟେଲିଫୋନରେ ଗୋଷ୍ଠୀ ସଂଘର୍ଷ ସମ୍ପର୍କରେ ସୂଚନା ମିଳିଥିଲା। କର୍ମଚାରୀ ଏହାର ଅନୁସନ୍ଧାନ କରିଥିଲେ। ହେଲେ ଏପରି କୌଣସି ଘଟଣା ଘଟି ନ ଥିବା ସେ କହିଛନ୍ତି।

## ଚମକିଲେ ଲଲାଟେନ୍ଦୁ, ସୁନନ୍ଦା

**ଢେଙ୍କାନାଳ ଅଫିସ,୧୬।୧**

ଜାତୀୟ ଭୋଟର ଦିବସ ଏବଂ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଢେଙ୍କାନାଳ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।

ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟରରେ ଆୟୋଜିତ ମହାବିଦ୍ୟାଳୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ଲଲାଟେନ୍ଦୁ ଲେଙ୍କା, ଶୁଭଦର୍ଶିନୀ ବେହେରା, ସୌମ୍ୟରଞ୍ଜନ ଲେଙ୍କା, ବକ୍ତୃତାରେ ସୁନନ୍ଦା ସାହୁ, ସୌମ୍ୟରଞ୍ଜନ ଲେଙ୍କା, ଲଲାଟେନ୍ଦୁ ଲେଙ୍କା, ସ୍ଲୋଗାନ ଲିଖନରେ ସୁନନ୍ଦା ସାହୁ, ସୌଭାଗ୍ୟବତୀ ତରାଇ, ସୌମ୍ୟରଞ୍ଜନ ଲେଙ୍କା, ପୋଷ୍ଟର ଚିତ୍ରାଙ୍କନରେ ବର୍ଷା ପ୍ରିୟଦର୍ଶିନୀ, ଆକାଶ କୁମାର ବେହେରା, ଶୁଭଦର୍ଶିନୀ ବେହେରା, ରଙ୍ଗୋଲିରେ ବର୍ଷା ପ୍ରିୟଦର୍ଶିନୀ, ଶୁଭଦର୍ଶିନୀ ବେହେରା, ସୁନନ୍ଦା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟସ୍ଥାନ ହାସଲ କରିଛନ୍ତି। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେଇଥିଲେ।

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ମହାବିଦ୍ୟାଳୟସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଅର୍ଚ୍ଚନା ନନ୍ଦ, ସଞ୍ଜୀବନୀ ନନ୍ଦ, ଶୁଚିସ୍ମିତା ବେହେରା ଶ୍ରେଷ୍ଠ ୩ ସ୍ଥାନ ହାସଲ କରିଥିଲେ। ଓଡ଼ିଆ ବକ୍ତୃତାରେ ସଞ୍ଜୀବନୀ ନନ୍ଦ, ଗାୟିତ୍ରୀ ପାଣି ଯୁଗ୍ମ ପ୍ରଥମ, ଅର୍ଚ୍ଚନା ନନ୍ଦ ଦ୍ୱିତୀୟ, ବୈଶାଖୀ ପ୍ରଧାନ ତୃତୀୟ ହୋଇଛନ୍ତି। ଯୁକ୍ତ୨ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ଅଙ୍କିତା ଘୋଷ, ଅନନ୍ୟା ପ୍ରିୟଦର୍ଶିନୀ ହୋତା, ସିଦ୍ଧେଶ୍ୱର ଦାସ, ଯୁକ୍ତ୩ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତାରେ ସ୍ୱର୍ଣ୍ଣପ୍ରଭା ମହାନ୍ତି, ଇତିଶ୍ରୀ ବେହେରା, ଆଶିଷ ପାଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେହିପରି ଡିଇଓଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ବି.ବି. ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି।

## ସରକାରୀ ଜମିରେ ଘର ନିର୍ମାଣକୁ ବିରୋଧ



ତହସିଲଦାର ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

**ପରଜଙ୍ଗ,୧୬।୧(ଡି.ଏନ୍.ଏ.)**

ପରଜଙ୍ଗ ଥାନା ଆମ୍ବପଳାସ ଗ୍ରାମ ଜଙ୍ଗଲ ଜମିରେ ବ୍ୟକ୍ତିଗତ ବାସଗୃହ ନିର୍ମାଣକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ହେଲା ଉକ୍ତ ସରକାରୀ ଜମି ଗ୍ରାମବାସୀଙ୍କ ଦଖଲରେ ରହିଛି। ଏହାକୁ ଗ୍ରାମର କଲ୍ୟାଣ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ଉକ୍ତ ଜମିରେ ଦଳିତବସ୍ତିର ସୁଶୀଳା ନାଏକ ୩ମାସ ହେଲା ଆଜବେଷ୍ଟସ୍ ଘର ନିର୍ମାଣ କରିଛନ୍ତି। ଏହାକୁ ପୂର୍ବରୁ ଗ୍ରାମବାସୀ ବିରୋଧ କରିଥିଲେ। ଏହାସତ୍ତ୍ୱେ ସମ୍ପୃକ୍ତ ମହିଳାଙ୍କ ପରିବାର ଗଛକାଟି ଆଉ କିଛି ଜମି ଅକ୍ତିଆର କରିବାକୁ ମସୁଧା କରୁଛନ୍ତି। ଏହାକୁ ନେଇ ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଛି। ବୁଧବାର ଏହାର ପ୍ରତିବାଦରେ ଗ୍ରାମବାସୀ ଏକାଠି ହୋଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଏଡ଼ାଇବାକୁ ତହସିଲଦାର ଅମ୍ରିତ ସରକାର ପହଞ୍ଚି ସୁଶୀଳାଙ୍କ ପରିବାରକୁ ବୁଝାଶୁଝା କରିବା ସହ ଘର ଭାଙ୍ଗିଦେବାକୁ କହିଥିଲେ। ହେଲେ ଏହାକୁ ସେମାନେ ମାନି ନ ଥିଲେ। ସମ୍ପୃକ୍ତ ପରିବାରକୁ ଘରଡିହ ପଟ୍ଟା ମିଳିଛି। ହେଲେ ଜମି ଚିହ୍ନଟ ହୋଇ ନ ଥିବାରୁ ସେମାନେ ଜଙ୍ଗଲ ଜମିରେ ଘର କରି ରହୁଥିବା ଜଣାପଡ଼ିଛି।

ଏ ନେଇ ତହସିଲଦାର କୁହନ୍ତି, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଘର ଉଚ୍ଛେଦ ହେବ। ସୁଶୀଳାଙ୍କ ପରିବାରକୁ ଅନ୍ୟତ୍ର ଜମି ଚିହ୍ନଟ କରି ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

## ନାଲ୍‌କୋକୁ ହରାଇଲା ବୈଦେଶ୍ୱର

**ଢେଙ୍କାନାଳ ଅଫିସ,୧୬।୧**

ହିନ୍ଦୋଳ ବ୍ଲକ ବେଡ଼ାପଡ଼ାରେ ଚାଲିଥିବା ସୁବାସ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ବୁଧବାର ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଏନ୍‌ଆରସିଏ ନାଲ୍‌କୋକୁ ହରାଇ ଦିଶା ବୈଦେଶ୍ୱର ବାଙ୍କି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୈଦେଶ୍ୱର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ୍ କରଥିଲା। ସିଲୁ ମହାନ୍ତି ସଫଳତମ ବ୍ୟାଟ୍ସମ୍ୟାନ୍ ଭାବେ ୩୭ ବଲର ସମ୍ମୁଖୀନ ହୋଇ ୪୯ ରନ୍ କରିଥିଲେ। ନାଲ୍‌କୋ ପକ୍ଷରୁ ରମାକାନ୍ତ ପ୍ରଧାନ ୪ ଓଭରରେ ୨୨ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ନାଲ୍‌କୋ ୨୦ ଓଭରରେ ୯ ଉଇକେଟ ହରାଇ ୧୪୧ ରନ କରିବାକୁ ସକ୍ଷମ ହୋଇଥିଲା। ମହମ୍ମଦ ସୁଲେମାନ ୨୮ ବଲରୁ ୪୬ ରନ ସଂଗ୍ରହ କରିଥିଲେ। ବୈଦେଶ୍ୱର ଦଳ ପକ୍ଷରୁ ଗଣେଶ୍ୱର ମହାପାତ୍ର ୪ ଓଭରରେ ୧୮ରନ୍ ଦେଇ ୩ ଉଇକେଟ ଅକ୍ତିଆର କରିଥିଲେ। ବିଜୟୀ ଦଳର ସିଲୁ ମହାନ୍ତି ‘ମ୍ୟାନ ଅଫ୍ ଦି ମ୍ୟାଚ’ ଘୋଷିତ ହୋଇଥିଲେ। ବୀରେନ ସାମଲ, ପ୍ରଶାନ୍ତ ଦାସ ମ୍ୟାଚ ପରିଚାଳନା କରିଥିବାବେଳେ ମନୋଜ ଗଡ଼ନାୟକ ଧାରାବିବରଣୀ ଦେଇଥିଲେ।

## ଅତିଷ୍ଠ କଲାଣି ହାତୀ ଆତଙ୍କ

**ପରଜଙ୍ଗ, ୧୬।୧(ଡି.ଏନ୍.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ଏହାକୁ ନେଇ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବାରେ ଲାଗିଛି। ବିଳମ୍ବିତ ରାତିରେ ହାତୀପଲ ଜନବସତିରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟୁଥିବାବେଳେ ସେମାନଙ୍କ ମଧରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ଆତଙ୍କ ସୀମା ଟପିଛି। ଜହ୍ନାପଡ଼ା ଗ୍ରାମର ରାଜେନ୍ଦ୍ର ନାୟକ, ମୁଣ୍ଡେଇଲୋର ରାଜକିଶୋର ପରିଡ଼ାଙ୍କ ଘର ଏବଂ ପାଣିଭଣ୍ଡାର ଗ୍ରାମର କଳ୍ପତରୁ ସାହୁଙ୍କ ଘର ପାଚେରି ହାତୀପଲ ଭାଙ୍ଗି ଦେଇଛନ୍ତି। ହାତୀ ଆକ୍ରମଣରେ ନାଉପାଳକାଟେଣୀ ଗ୍ରାମର କାଳିନ୍ଦୀ ବାରିକଙ୍କ ଏକ ଗର୍ଭିଣୀ ଗାଈ ଏବଂ ବଡ଼ ବାଛୁରିର ଜୀବନ ଯାଇଛି। ସେହିପରି ସାଆନ୍ଦା ଗ୍ରାମର ଚାଷୀ ପରମାନନ୍ଦ ପଣ୍ଡାଙ୍କ ଖଳାରେ ପଶି ଅମଳ କରି ରଖାଯାଇଥିବା ୨୦୦ରୁ ଊର୍ଦ୍ଧ୍ୱ ବସ୍ତା ଧାନ ଖାଇବା ସହ କେତେକ ବସ୍ତା ପିଠିରେ ବୋହି ନେଇଛନ୍ତି। ଏଥିସହ ୩ ଏକର ଜମିରେ ହୋଇଥିବା ଆଖୁ ବାଡ଼ ଉଜାଡ଼ି ଦେଇଛନ୍ତି।



ପରମାନନ୍ଦ ପଣ୍ଡାଙ୍କ ଖଳାରେ ରଖାଯାଇଥିବା ଧାନ ହାତୀପଲ ନଷ୍ଟ କରିଦେଇଛନ୍ତି।

■ଗାଈ, ବାଛୁରିଙ୍କୁ ଦଳିଦେଲା
■୨୦୦ ବସ୍ତା ଧାନ ନଷ୍ଟ

ପରଜଙ୍ଗର ବିଭିନ୍ନ ଅଞ୍ଚଳରେ ଶତାଧିକ ହାତୀ ବ୍ୟାପକ ଫସଲ ନଷ୍ଟ କରିଚାଲିଛନ୍ତି। ହାତୀଭୟରେ ସନ୍ଧ୍ୟା ହେଲେ ତାଟିକବାଟ ପଡ଼ିଯାଉଛି। ଲୋକେ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏ ନେଇ ରେଞ୍ଜର ହରମୋହନ ନାୟକ କୁହନ୍ତି, ବନ ବିଭାଗର ସମସ୍ତ ଉଦ୍ୟମ ସତ୍ତ୍ୱେ ହାତୀପଲ ଅଞ୍ଚଳଛାଡ଼ି ଯାଉନାହାନ୍ତି। କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ୧୭ ଜାନୁୟାରୀ /୨୦୧୯ Dhenkanal, Thursday January 17/ 2019

## ସଂକ୍ଷେପରେ

### ଲିଙ୍କ୍ ଫେଲ୍; ବ୍ୟାଙ୍କ କାରବାର ଠପ୍




କଣିହାଁ, ୧୬।୧ (ଡି.ଏନ୍.ଏ)- କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଷ୍ଟେଟ ବ୍ୟାଙ୍କ ସର୍ଭର ଡାଉନ ଓ ଲିଙ୍କ୍ ଫେଲ କାରଣରୁ ୧୫ ଓ ୧୬ ତାରିଖ ଦୁଇ ଦିନ ହେଲା ବ୍ୟାଙ୍କ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। ଏହି ବ୍ୟାଙ୍କ ଉପରେ ବ୍ଲକର ୨୦ଟି ପଞ୍ଚାୟତ ସମେତ ଦେବଗଡ଼ ଜିଲାର କିଛି ଗ୍ରାମ, ରେଙ୍ଗାଳି ଡ୍ୟାମର କର୍ମଚାରୀ, ଅଫିସ, ଓଏଚ୍‌ପିସି, ଗ୍ରୀଡ଼କୋ, ପାୱାରଗ୍ରୀଡ଼ ପରି ସଂସ୍ଥା ନିର୍ଭର କରୁଥିବାବେଳେ ବ୍ୟାଙ୍କ ସେବା ଠପ ହୋଇଯିବାରୁ ଅସୁବିଧାର ସୃଷ୍ଟି ହେଉଛି। ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକ ଦେବରଞ୍ଜନ ବାରିକଙ୍କୁ ପଚାରିବାରୁ କହିଛନ୍ତି, ସର୍ଭର ଡାଉନ ରହିଛି। ଆଇବିଓକୁ ଜଣାଯିବାପରେ ଏକ ଟେକ୍ନିକାଲ ଟିମ ଅପରାହ୍ନରେ ଆସି କାମ ଆରମ୍ଭ କରିଛନ୍ତି।

### ଟେବୁଲ, ବେଞ୍ଚରେ ଗଦା ହୋଇଛି ପୁରୁଣା ବହି

# ଛାତ୍ରୀଛାତ୍ରଙ୍କୁ ବସିବାକୁ ମିଳୁନି ଜାଗା

ଅନୁଗୋଳ ଅଫିସ, ୧୬।୧

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଗ୍ରନ୍ଥାଗାର ଷ୍ଟଡି ରୁମ୍‌ରେ ବସିବାକୁ ମିଳୁନି ଜାଗା। ଛାତ୍ରୀଛାତ୍ରମାନେ ବହି ଧରି ସେଠାକୁ ଯାଉଥିଲେ ବି ପଢ଼ିବା ମୁସ୍କିଲ ହୋଇପଡୁଛି। କାରଣ ମାସେ ହେଲା ଛାତ୍ରୀଛାତ୍ରଙ୍କ ଟେବୁଲ ଓ ବେଞ୍ଚ ଉପରେ ଗଦା ହୋଇ ରହିଛି ହଜାର ହଜାର ବହି। ଏହାକୁ ନେଇ ଶିକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଥିବା ଜଣାପଡ଼ିଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଗ୍ରନ୍ଥଗାର କମିଟି ସହଯୋଗ କରୁ ନ ଥିବାରୁ ଏପରି ପରିସ୍ଥିତି ଉପୁଜିଥିବା ଗ୍ରନ୍ଥାଗାରିକ ଅଶୋକ ଦାସ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ମହାବିଦ୍ୟାଳୟ ଗ୍ରନ୍ଥାଗାରରେ ଥିବା ପୁରାତନ ବହି ବିକ୍ରି କରିବାକୁ ଗତ ଜୁଲାଇ ୨୭ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି (ନଂ.୨୧୩୫୩) କରାଯାଇଥିଲା। ବହୁ ବିଳମ୍ବରେ ଡିସେମ୍ବର ୩ରେ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଅଦ୍ୟାବଧି ଶେଷ ହୋଇପାରି ନାହିଁ। ଫଳରେ ପୁରୁଣା ବହିଗୁଡ଼ିକ ଷ୍ଟଡି ରୁମ୍ ଟେବୁଲ ଉପରେ


ଷ୍ଟଡିରୁମ୍ ଟେବୁଲ, ବେଞ୍ଚ ଉପରେ ପୁରୁଣା ବହି ରଖାଯାଇଛି।

ପଡ଼ି ରହିଛି। ଏହାକୁ ବାଛି ବିକ୍ରି କରିବାକୁ ମହାବିଦ୍ୟାଳୟର ୧୭ଟି ବିଭାଗ ମୁଖ୍ୟଙ୍କ ସହ ସମସ୍ତ କର୍ମଚାରୀଙ୍କୁ ଅଧ୍ୟକ୍ଷ ଚିଠି କରିଥିଲେ ମଧ୍ୟ କାର୍ଯ୍ୟ ହୋଇପାରୁ ନାହିଁ। ଫଳରେ ଛାତ୍ରୀଛାତ୍ରମାନେ ସେଠାରେ ପଢ଼ିବାକୁ ଯାଇ ନିରାଶ ହୋଇ ଫେରୁଛନ୍ତି। ଏ ନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ କହିଛନ୍ତି, ଜାଗା ଅଭାବ ଥିବାରୁ ଷ୍ଟଡି ରୁମ୍‌ରେ ବହିଗୁଡ଼ିକ ରଖାଯାଇଛି। ପ୍ରଥମେ ୫ ଟଙ୍କା ମୂଲ୍ୟରେ ଛାତ୍ରୀଛାତ୍ରଙ୍କୁ ସେଗୁଡ଼ିକୁ ବିକ୍ରି କରାଯିବ। ପରେ ବଳକା ବହି ସ୍ଥାନୀୟ ଭେଣ୍ଡରକୁ ବିକ୍ରି ହେବ। ଏଥିପାଇଁ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ସମାଧାନ ହୋଇଯିବ। ଗ୍ରନ୍ଥାଗାରିକ ଦାସ କହିଛନ୍ତି, ବହି ବାଛିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାକୁ ମାସେ ତଳୁ ଅଧ୍ୟକ୍ଷଙ୍କୁ ଜଣାଇଛି। ଏପରି କି ଗ୍ରନ୍ଥାଗାର କମିଟି ମାଧ୍ୟମରେ ଏହାର ବିକ୍ରି କରିବାକୁ କହି କହି ଥକିଗଲିଣି। କିନ୍ତୁ ଅଧ୍ୟକ୍ଷ ଏଥିପ୍ରତି କୌଣସି ଗୁରୁତ୍ୱ ପ୍ରଦାନ କରୁ ନ ଥିବାରୁ ଏପରି ପରିସ୍ଥିତି ଉପୁଜୁଛି ବୋଲି ସେ ପ୍ରକାଶ କରିଛନ୍ତି।

### ପବିତ୍ରନଗର କପ୍: ଫାଇନାଲରେ ଅନୁଗୋଳ

ପବିତ୍ରନଗର, ୧୬।୧(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ପବିତ୍ରନଗରଠାରେ ଚାଲିଥିବା ପବିତ୍ରନଗର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ରେଲୱେ ଟିମ୍‌କୁ ହରାଇ ଅନୁଗୋଳ ଏସିସି ଟିମ୍ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଭଦ୍ରକ ବ୍ୟାଟିଂ କରି ୨୦୭ ରନ୍ କରିଥିବାବେଳେ ଅନୁଗୋଳ ଶେଷ ବଲ୍‌ରେ ଆବଶ୍ୟକ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର କ୍ରାନ୍ତି ଅମାନ୍ତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ଭାବେ ସବ୍ୟସାଚୀ ଶାହା ଓ ଜୟନ୍ତ ପ୍ରଧାନ ଦାୟିତ୍ୱ ତୁଲାଇଥିବାବେଳେ ସୁବାସ ମହାନ୍ତି ସହଯୋଗ କରିଥିଲେ। ମୁଖ୍ୟଅତିଥି ଭାବେ ପରାବିଲ ସେବା ସମବାୟ ସମିତି ସମ୍ପାଦକ ଘନଶ୍ୟାମ ବୈଦ୍ୟ ପୁରସ୍କାର ବିତରଣ କରିଥିଲେ।

# ୭ କେନ୍ଦ୍ରରେ ପରୀକ୍ଷା ବାତିଲ


ପରୀକ୍ଷା ବାତିଲ କରାଯାଇଥିବା ସମ୍ପର୍କରେ ନୋଟିସ୍ ମରାଯାଇଛି।

ଅନୁଗୋଳ ଅଫିସ, ୧୬।୧

ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ଯୋଗ୍ୟତା ପରୀକ୍ଷା ଲାଗି ଉଦ୍ଦିଷ୍ଟ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ହେବା ପରେ ଅନୁଗୋଳର ୭ଟି କେନ୍ଦ୍ରରେ ପରୀକ୍ଷାକୁ ବାତିଲ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ୍ରମେ ଜିଲା ଶିକ୍ଷା ଅଧିକାରୀ ଏହି ବାତିଲ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବୁଧବାର ଓଟିଇଟି ପରୀକ୍ଷାର ପ୍ରଥମ ସିଟିଂ ସକାଳ ୧୦ଟାରେ ଆରମ୍ଭ ହୋଇଥିଲା। ତେବେ ପରୀକ୍ଷା ଆରମ୍ଭ ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ସୂଚନା ମିଳିବାରୁ ଦ୍ୱିତୀୟ ସିଟିଂକୁ ବାତିଲ କରି ଦିଆଯାଇଥିଲା। ଅନୁଗୋଳରେ ୨ ହଜାର ୧୩୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ହଜାର ୧୨ ଜଣ ପରୀକ୍ଷା ଦେଇଥିଲେ। ଦ୍ୱିତୀୟ ସିଟିଂରେ ୮୩୨ ପରୀକ୍ଷାର୍ଥୀ ଅନୁଗୋଳ ଜିଲାର ୭ଟି କେନ୍ଦ୍ରରେ ପରୀକ୍ଷା ଦେଇଥାନ୍ତେ। କିନ୍ତୁ ପରିଷଦ ପକ୍ଷରୁ ଇ-ମେଲ ଆସିବା ପରେ ଦ୍ୱିତୀୟ ସିଟିଂକୁ ବାତିଲ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ପରୀକ୍ଷା ବାତିଲ ସମ୍ପର୍କରେ ଜଣାପଡ଼ିବା ପରେ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା।

# ଏନ୍‌ଟିପିସିରେ ମକ୍‌ଡ୍ରିଲ


ବରିଷ୍ଠ ଅଧିକାରୀଙ୍କ ସହ ଏନ୍‌ଡିଆର୍‌ଏଫ୍ ଓ ସିଆଇଏସ୍‌ଏଫ୍ ଟିମ୍।

ତାଳଚେର,୧୬।୧(ନି.ପ୍ର.)

କଣିହାଁସ୍ଥିତ ଏନ୍‌ଟିପିସି ବିଦ୍ୟୁତ୍ ପ୍ରକଳ୍ପରେ କଟକ ଏନ୍‌ଡିଆର୍‌ଏଫ୍ ଓ ସିଆଇଏସ୍‌ଏଫ୍ ଫାୟାର ୱିଙ୍ଗର ମିଳିତ ସହଯୋଗରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଟିପିସି ଜେନେରାଲ ମ୍ୟାନେଜର ଏନ. ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ସୁରକ୍ଷା ନିମନ୍ତେ ସମସ୍ତେ ସତର୍କତାର ସହ କାମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯେ କୌଣସି ଜରୁରୀ ସମୟରେ ଏହାର ମୁକାବିଲା କରାଯିବା ଦରକାର ଓ ଏଥିପାଇଁ ୨୪ ଘଣ୍ଟା ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏଭଳି ଡ୍ରିଲ୍ ଆୟୋଜନ କରିଥିବାରୁ ଏନ୍‌ଡିଆର୍‌ଏଫ୍ ଟିମ୍‌କୁ ସାଧୁବାଦ ଜଣାଇଥିଲେ। ଏନ୍‌ଟିପିସିର ବରିଷ୍ଠ ଅଧିକାରୀ, କର୍ମଚାରୀ, ସିଆଇଏସ୍‌ଏଫ୍ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୌରାଞ୍ଚଳରେ ୬ ପ୍ରକଳ୍ପ ଉଦ୍‌ଘାଟନ କଲେ ଏମ୍‌ପି

ଅନୁଗୋଳ ଅଫିସ, ୧୬।୧

ନାଲ୍‌କୋ ସିଏସ୍‌ଆର ଓ ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପିଲାଡ୍) ଅର୍ଥରେ ଅନୁଗୋଳ ପୌରପାଳିକା ଦ୍ୱାରା ନିର୍ମିତ ହୋଇଥିବା ୬ଟି ପ୍ରକଳ୍ପ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏମ୍‌ପି ସତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ ଅନିଲ କୁମାର ସାମଲ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ପୌର ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଉଦ୍‌ଘାଟିତ ହୋଇଥିବା ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରହିଛି ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ। ଏହାର ନିର୍ମାଣ ପାଇଁ


ଏମ୍‌ପି ସତପଥୀ ଏକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

ନାଲ୍‌କୋ ସିଏସ୍‌ଆର୍‌ରୁ ୭ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ବାକି ୫ଟି ପ୍ରକଳ୍ପ ପାଇଁ ଏମ୍‌ପିଲାଡ୍‌ରୁ ୨୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଉକ୍ତ ପ୍ରକଳ୍ପଗୁଡ଼ିକ ହେଲା ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଟାଉନ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ପାଚେରି, ୪ ଲକ୍ଷ ବ୍ୟୟରେ ୨ନଂ. ୱାର୍ଡ ମଙ୍ଗଳା ମନ୍ଦିର ସମ୍ମୁଖ ପାଠାଗାର ଗୃହ, ୪ ଲକ୍ଷ ଟଙ୍କାରେ ୪ନଂ. ୱାର୍ଡ କଳିଙ୍ଗ ଯୁବ ବିକାଶ କେନ୍ଦ୍ରର ଗୋଷ୍ଠୀ କେନ୍ଦ୍ର, ୫ ଲକ୍ଷ ଟଙ୍କା ବ୍ୟୟରେ ରାଧାରମଣପଡ଼ା (ୱାରିୟର କ୍ଲବ)ର ନବନିର୍ମିତ ଗୋଷ୍ଠୀ କେନ୍ଦ୍ର ଓ ୪ ଲକ୍ଷ ବ୍ୟୟରେ ନିର୍ମିତ ୨ନଂ. ୱାର୍ଡରେ ଖେଳାଳିମାନଙ୍କ ନିମନ୍ତେ ପୋଷାକ ପରିଧାନ ଗୃହ। ଏସବୁ ପ୍ରକଳ୍ପ ଉଦ୍‌ଘାଟନ ସହ ବିଭିନ୍ନ ୱାର୍ଡ ବୁଲି ଏମ୍‌ପି ମହିଳା, ଯୁବକ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ଆଲୋଚନା କରି ସମସ୍ୟା ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତିପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସହ ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଉପାଧ୍ୟକ୍ଷା ମମତା ପ୍ରଧାନ, ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ଯୁବ ବିଜେଡି ନେତା ମାନସ ରଞ୍ଜନ ଦେହୁରୀ, ନୂଆମୌଜା ବିଜୁ ଯୁବ ବାହିନୀ ସଭାପତି ରିପୁନ ପ୍ରଧାନ, ବସନ୍ତ ପ୍ରଧାନ, ସୁଶୀତ ସାହୁ, ସଞ୍ଜୟ ସାହୁ, ପୌର ପ୍ରତିନିଧି ବଳରାମ ଜେନା, ଅଶୋକ ଦେହୁରୀ, ଜୀବନ ସାହୁ, ଶୁଭେନ୍ଦୁ ଦେହୁରୀ, ଦୁର୍ଲଭ ବିଶ୍ୱାଳ, ମନୋଜ ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




## ଗ୍ରାମ ସଭାପତିଙ୍କୁ ଗାଳିଗୁଲଜ

ବଇଣ୍ଡା, ୧୬।୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କନ୍ତପଡା ପଞ୍ଚାୟତ ଗୋପୀନାଥପୁର ଗ୍ରାମ ସଭାପତି ଯଦୁମଣି ସାହୁଙ୍କୁ ପୁରୁଣାକୋଟ ଥାନା ଧଉରାଗୋଠ ଗ୍ରାମର ରଶ୍ମିକାନ୍ତ ବେହେରା ଗାଳିଗୁଲଜ ସହ ହତ୍ୟା ଧମକ ଦେଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ. ୩/୧୯ରେ ମାମଲା ରୁଜୁ ହୋଇଛି। ପୋଲିସ କହିଛି, ରଶ୍ମିଙ୍କର ଏକ ଟେଣ୍ଟ ହାଉସ ପ୍ରତି ବର୍ଷ ଗୋପୀନାଥପୁର ମକର ଯାତ୍ରାରେ ଲାଗିଥାଏ। ଚଳିତ ବର୍ଷ ରଶ୍ମି ଦର ବୃଦ୍ଧି କରିଥିବାରୁ ତାଙ୍କ ଟେଣ୍ଟ ଯାତ୍ରାରେ ନ ଲାଗିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ରଶ୍ମି ଯାତ୍ରା ଚାଲୁଥିବା ସମୟରେ ଗ୍ରାମ କୋଠଘର ପରିସରରେ ଗାଁ ସଭାପତିଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ଧାନ କିଣାରେ ଅନିୟମିତତା: ଯୋଗାଣମନ୍ତ୍ରୀଙ୍କୁ ଅଭିଯୋଗ

ବଇଣ୍ଡା, ୧୬।୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଧଉରାପାଲି ସେବା ସମବାୟ ସମିତିର ମଣ୍ଡିରେ ଧାନ କିଣାରେ ବ୍ୟାପକ ଅନିୟମିତତା ହେଉଥିବା ପଞ୍ଜୀକୃତ ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ମଙ୍ଗଳବାର ବିଡିଓ ଅମୃତା ପ୍ରିୟମ୍ବଦାଙ୍କ ଜରିଆରେ ଯୋଗାଣମନ୍ତ୍ରୀଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ଆଠମଲ୍ଲିକ ଉପଖଣ୍ଡ ଯୋଗାଣ ଅଧିକାରୀ, ଆଠମଲ୍ଲିକ ଉପଜିଲାପାଳ, ଅନୁଗୋଳ ଜିଲାପାଳଙ୍କୁ ଦିଆଯାଇଥିବା ଜଣାଯାଇଛି।

ଅଭିଯୋଗ ମୁତାବକ, ଡିସେମ୍ବର ୨୮ରେ ଧାନ ବିକ୍ରି କରିବାକୁ ଚାଷୀମାନେ ସୋସାଇଟିକୁ ଆସିଥିଲେ ମଧ୍ୟ ସେହିଦିନ ଧାନ କିଣା ଯାଇ ନ ଥିଲା। ଏପରିକି ରାତି ତମାମ ସେଠାରେ ଚାଷୀମାନେ ଜଗି ରହିଥିଲେ। ସେହିପରି ଜାନୁୟାରୀ ୪ଠାରୁ ଚାଷୀଙ୍କଠାରୁ ୨ କୁଇଣ୍ଟାଲ କିଣାଯାଇ ଅଧିକ ଧାନ ଆଣିଥିବା ଚାଷୀଙ୍କୁ ଫେରାଇ ଦିଆଯାଉଛି। ଏଥିସହ କୁଇଣ୍ଟାଲ ପିଛା ୫ କେଜି ଲେଖାଏଁ କାଟି ଦିଆଯାଉଛି। ଠିକ୍ ସମୟରେ ସେମାନଙ୍କ ଆକାଉଣ୍ଟକୁ ଧାନ ବିକ୍ରି ଟଙ୍କା ଆସୁନାହିଁ। ମିଲରଙ୍କ ପକ୍ଷରୁ ଲଗାଯାଉଥିବା ଶ୍ରମିକଙ୍କ ମଜୁରି ଚାଷୀଙ୍କଠାରୁ ବେଆଇନ ଭାବେ ଆଦାୟ କରାଯାଉଛି। ତୁରନ୍ତ ଏହାର ସମାଧାନ କରାଯିବାକୁ ଚାଷୀ ରମଣୀ ରଞ୍ଜନ ପ୍ରଧାନ, ବିଷ୍ଣୁ ଚରଣ ପ୍ରଧାନ, ଅନନ୍ତ ଚରଣ ପ୍ରଧାନ, ପୁରୁଷୋତ୍ତମ ବେହେରା ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଆଠମଲ୍ଲିକ ସହକାରୀ ଯୋଗାଣ ଅଧିକାରୀ ଦାଶରଥି ସୋରେନ କୁହନ୍ତି, ଚାଷୀମାନଙ୍କୁ ଠିକ୍ ଭାବେ ସେବା ଯୋଗାଇଦେବା ସହ ସେମାନେ କିଭଳି ଧାନ ସହଜରେ ବିକ୍ରି କରିପାରିବେ ସେ ନେଇ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଯିଏ ଅବହେଳା କରିବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ